# Akashvani, Sambalpur

## SAMBALPURI NEWS BULLETIN

### 20 March 2025- 6.47- 6.52 am.

***********************************************

ତୋଷାଲି ଜାତୀୟ ହସ୍ତଶିଳ୍ପ ମେଳା       cmo

ବର୍‌ଗଡ୍‌ର ବାଏଲ୍‌ଜୁରୀ, ସମ୍ବଲ୍‌ପୁର୍‌ର ହୀରାକୁଦ୍ ସହେତେ କଂଟିଲୋ, ପିପିଲି, କଟକ୍ ଆର୍ କୋଟପାଡ଼୍‌କେ ଐତିହ୍ୟ କ୍ରାଫ୍ଟ ଆର୍ ବୁଣାକାର୍ ଗାଁ ହିସାବେ ବିକଶିତ୍ କରାଯିବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଜନତା ମଇଦାନ୍ ଠାନେ ୧୯ ନମ୍ବର ତୋଷାଲି ଜାତୀୟ ହସ୍ତଶିଳ୍ପ ମେଳା କେ ଉଦ୍‌ଘାଟନ୍ କରିକରି ମୁଖ୍ୟମନ୍ତ୍ରୀ କହିଛନ୍, ହସ୍ତତନ୍ତ ଆମର୍ ଐତିହ୍ୟର୍ ପରିଚୟ ଆର୍ ଓଡ଼ିଆ ଅସ୍ମିତାର୍ ଉଦାହରଣ୍ ଆଏ । ୨୦୨୫ -୨୬ ବଛ୍‌ରେ ୯ ଟା ହସ୍ତଶିଳ୍ପ ଉତ୍ପାଦକେ ଜିଆଇ ଟେଗ୍ ମାଏନ୍‌ତା ଦେବାର୍ ଲାଗି ଆବେଦନ୍ କରାଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ମାର୍ଚ୍ଚ ୩୧ ତାରିଖ୍‌ତକ୍ ହେବାର୍‌କେ ଥିବା ଇ ମେଳାଥି ୧୫ ଟା ରାଜ୍ୟର୍

କାରିଗର୍ ଆର୍ ବୁଣାକାର୍,  ୬ ଶହ ୫୦ ନୁ ଅଏତ୍କା ଷ୍ଟଲ୍ ଲାଗିଛେ ।

ସ୍ୱାସ୍ଥ୍ୟମନ୍ତ୍ରୀ          ଆର୍ଏନ୍ୟୁ/ ସମ୍ବଲପୁର

ଖୋର୍ଦ୍ଧା ନ ଜାତୀୟ ଫରେନ୍ସିକ୍ ସାଇନ୍ସ ବିଶ୍ୱବିଦ୍ୟାଳୟ ଆଉ ମୟୁର୍ଭଞ୍ଜ୍ ନ ଗୁଟେ ଆର୍ୟୁର୍ବେଦିକ୍ କଲେଜ୍ ଖୁଲାଯିବା ବଲି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍ । ଗଲାକାଏଲ୍ ବିଧାନ୍ସଭା ନ ସ୍ୱାସ୍ଥ୍ୟବିଭାଗ୍ର ଖର୍ଚ୍ଚା ଦାବି ଅଲୋଚନା ବେଲ୍କେ ଡକ୍ଟର୍ ମହାଲିଙ୍ଗ୍ କହିଛନ୍, ଫରେନ୍ସିକ୍ ବିଶ୍ୱବିଦ୍ୟାଳୟ ଲାଗି କେନ୍ଦ୍ରର୍ ଅନୁମୋଦନ୍ ମିଲିସାରିଛେ । ଇଥିର୍ଲାଗି ରାଜ୍ୟ ସର୍କାର୍ ୩୫ ଏକଡ଼୍ ଜମି ଯୁଗେଇଦେବେ । ସେନ୍ତା ୨୦୨୫ ଶିକ୍ଷା ବଛର୍ନୁ ତାଲ୍ଚେର୍ ଆର୍ କନ୍ଧମାଲ୍ ମେଡ଼ିକାଲ୍ କଲେଜ୍ନୁ ପାଠ୍ପଢ଼ା ମୁଲ୍ ହେବା ବଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମହାଲିଙ୍ଗ୍ କହିଛନ୍ ।

ଗ୍ରାଂଟ୍-ଇନ୍-ଏଡ୍          ଆର୍ଏନ୍ୟୁ/ ସମ୍ବଲପୁର

କେନ୍‌ସି ବିଦ୍ୟାଳୟ, ମହାବିଦ୍ୟାଳୟର୍ ଶିକ୍ଷକ୍ କି ଅଧ୍ୟାପକ୍‌ମାନ୍‌କୁ ଆଉ ବ୍ଲକ୍ ଗ୍ରାଂଟ୍  ନାଇଁ ମିଳେ । ସବୁ ଶିକ୍ଷକ୍ ଆଉ ଅଧ୍ୟାପକ୍ ମାନ୍‌କୁ ୧୯୯୪ ନିୟମ୍ ଅନ୍‌ସାରେ ଗ୍ରାଂଟ୍-ଇନ୍-ଏଡ୍ ଦର୍‌ମା ଦେବାର୍‌କେ ଉଚ୍ଚନ୍ୟାୟାଳୟ ନିର୍ଦ୍ଦେଶ୍ ଦେଇଛନ୍ । ଶିକ୍ଷକ୍‌ମାନ୍‌କର୍ ଗୁଟେ ଆବେଦନ୍‌ର ଶୁଣାଣି କରିକରି ଉଚ୍ଚନ୍ୟାୟାଳୟ ଇ ନିର୍ଦ୍ଦେଶ୍ ଦେଇଛନ୍ ।

ପଖାଳ ଦିବସ        I&PR

ରାଜ୍ୟ ପର୍ଯ୍ୟଟନ୍ ବିଭାଗ୍ ଆଉ ଓଡ଼ିଶା ପର୍ଯ୍ୟଟନ୍ ବିକାଶ୍ ପରିଷଦ୍ ତର୍‌ଫୁ ଭୁବ୍‌ନେଶ୍ୱର୍ ପାନ୍ଥନିବାସ୍ ଠାନେ ଆଏଜ୍ ମଏଧାନେ ରାଜ୍ୟସ୍ତରୀୟ ପଖାଲ୍ ଦିବସ୍ ପାଲନ୍ କରାଯିବା । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କର୍ ସହେତେ ବହୁତ୍ ବ୍ୟକ୍ତିବିଶେଷ୍ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

କ୍ରୀଡ଼ାମନ୍ତ୍ରୀ- ଖେଲାଳି ସମ୍ବର୍ଦ୍ଧିତ        I&PR

ଓଡ଼ିଶା କ୍ରୀଡ଼ା ଆଉ ଯୁବ ସେବା ବିଭାଗ୍ ତର୍‌ଫୁ ଦେଶ୍ ଆର୍ ଦେଶ୍ ବାହାରେ ଭିନ୍ ଭିନ୍ ପ୍ରତିଯୋଗିତାଥି ରାଜ୍ୟର୍ ଲାଗି

ପଦକ୍ ଜିତିଥିବା ଖେଲାଲିମାନ୍‌କୁ ଗଲାକାଏଲ୍ ସମ୍ବର୍ଦ୍ଧିତ୍ କରାଯାଇଛେ । ଭୁବନେଶ୍ୱର୍ ଠାନେ ଗୁଟେ ଖାସ୍ କାର୍ଯ୍ୟକ୍ରମ୍ ଜରିଏ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ୨୪ ଟା ଖେଲ୍‌ଥି ପଦକ୍ ଜିତିଥିବା ଶହେ ୬୫ ଝନ୍ ଖେଲାଲିମାନ୍‌କୁ ସମ୍ବର୍ଦ୍ଧିତ୍ କରିଛନ୍ । ଇ ଅବ୍‌ସରେ ଖେଲାଲିମାନ୍‌କୁ ୬୬ ଲାଖ୍‌ନୁ ଅଏତ୍‌କା ଟଙ୍କାର୍ ପୁରସ୍କାର୍ ରାଶି ଦିଆଯାଇଛେ ।

କେବୁଲ୍ ଲେଣ୍ଡିଂ ଷ୍ଟେସନ୍ I&PR

ଓଡ଼ିଶାକେ ବୈଷୟିକ ଆଉ ଡିଜିଟାଲ୍ ହବ୍ କର୍‌ବାର୍ ଲାଗି ରାଜ୍ୟ ଇଲେକ୍ଟ୍ରୋନିକ୍ସ ଆର୍ ଆଇଟି ବିଭାଗ୍ ପୁରୀ ଠାନେ ଗୁଟେ କେବୁଲ୍ ଲେଣ୍ଡିଂ ଷ୍ଟେସନ୍ ଥାପ୍‌ନା କର୍‌ବାର୍‌କେ ଯାଉଛେ । ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା ଗଲାକାଏଲ୍ ଇ ପ୍ରକଳ୍ପକେ ନେଇକରି ତିଆର୍ ହେଇଥିବା ଡିପିଆର୍ ର ଅଗ୍ରଗତିର ସମୀକ୍ଷା କରିଛନ୍ ।

ବ୍ରଜମୋହନ୍ ମିଶ୍ର-ପରଲୋକ ଆର୍‌ଏନ୍‌ୟୁ/ ସମ୍ବଲପୁର

ନାଟ୍ୟ ଆନ୍ଦୋଲନ୍‌ର ଅଗ୍ରଣୀ ଯୋଦ୍ଧା ବଲାଙ୍ଗିର୍‌ର ନାଟ୍ୟ ନିର୍ଦ୍ଦେଶକ୍ ବ୍ରଜମୋହନ୍ ମିଶ୍ରଙ୍କର୍ ଗଲାକାଏଲ୍ ଭୁବ୍‌ନେଶ୍ୱର୍‌ର ଗୁଟେ ଘରୋଇ ଡାକ୍ତର୍‌ଖାନା ନ ପରଲୋକ ହେଇଯାଇଛେ । ସ୍ୱର୍ଗତ ମିଶ୍ର ଝନେ ବାସ୍ତବ ଆର୍ ସଚ୍ଚୋଟ ନାଟବାଦୀ ଥିଲେ । ତାଙ୍କର୍ ପରଲୋକ୍‌ଥି ବହୁତ୍ ବିଶିଷ୍ଟ ବ୍ୟକ୍ତି ଶୋକପ୍ରକାଶ୍ କର୍‌ବାର୍ ସହେତେ ବଲାଙ୍ଗିର୍ ନାଟକ୍ ଜଗତ୍ ଲାଗି ଇଟା ଗୁଟେ ଅପୂରଣୀୟ କ୍ଷତି ବଲି କହିଛନ୍ ।

ବାର୍ଷିକ୍ ଉତ୍ସବ ଆର୍‌ଏନ୍‌ୟୁ/ ସମ୍ବଲପୁର

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ଶିକ୍ଷକ୍ ଶିକ୍ଷା ମହାବିଦ୍ୟାଳୟ ଠାନେ ବାର୍ଷିକ୍ ଉତ୍ସବ୍ ହେଇଯାଇଛେ । ଅଧ୍ୟକ୍ଷ ଗରୁଡ଼ଧ୍ୱଜ ବାରିକଙ୍କର୍ ଅଧ୍ୟକ୍ଷତାଥି ଅତିରିକ୍ତ ଜିଲ୍ଲାପାଲ୍ ତନ୍ମୟ କୁମାର୍ ଦର୍‌ୱାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ଭିନ୍ ଭିନ୍ ପ୍ରତିଯୋଗିତାର୍ କୃତି ପ୍ରତିଯୋଗୀମାନ୍‌କୁ ପୁରସ୍କୃତ୍ କରାଯାଇଥିଲା ।

ସୁବର୍ଣ୍ଣପୁର୍- ଖରା       ଆର୍‌ଏନ୍‌ୟୁ/ ସମ୍ବଲପୁର

ବଢ଼୍‌ତି ଖରାକେ ନଜର୍‌ଥି ରଖିକରି ସୁବର୍ଣ୍ଣପୁର୍ ଜିଲ୍ଲା ନ ସୋମ୍‌ବାର୍ ହଉଥିବା ଜନଶୁଣାଣି କାର୍ଯ୍ୟକ୍ରମ୍ ସଖାଲର୍ ୮ ବଜେନୁ ସାଢ଼େ ୧୦ ବଜେତକ୍ ହେବା । ଇ ସମିଆ ଭିତ୍‌ରେ ଲୁକେ ନିଜର୍ ନିଜର୍ ଅଭିଯୋଗ୍ ସହେତେ ଶିବିର୍‌ମାନ୍‌କେ ପୁହୁଁଚିବେ ବଲି ଜିଲ୍ଲା ପ୍ରଶାସନ୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ । ଖରାକେ ନେଇକରି ପଦକ୍ଷେପ୍ ନେବାର୍ ଲାଗି ମୁଖ୍ୟମନ୍ତ୍ରୀଙ୍କର୍ ନିର୍ଦ୍ଦେଶ୍‌ନାମା ଆସ୍‌ବାର୍ ଉତ୍‌ରୁ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଇ ନିଷ୍ପତି ନିଆଯାଇଛେ ।

ନୂଆପଡ଼ା-ଗ୍ରାମ୍ୟୋଦୟ ସଭା      ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଲ୍‌ଙ୍କର୍ ସଦ୍‌ଭାବନା ଗୃହ ନ ଜିଲ୍ଲା ଉନ୍ନୟନ୍ ସମିତି ବୈଠକ୍ ସଙ୍ଗେ ଗ୍ରାମ୍ୟୋଦୟ ସଭା ହେଇଯାଇଛେ । ବୈଠକ୍‌ଥି ଅଧ୍ୟକ୍ଷତା କରିକରି ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍ ସବୁ ବିଭାଗ୍ ଭିତ୍‌ରେ ସମନ୍ୱୟ ରଖିକରି ତୁର୍‌ତି କାମ୍ କର୍‌ବାର୍‌କେ ଆହ୍ୱାନ୍ ଦେଇଛନ୍ । ବୈଠକ୍‌ଥି ଆରକ୍ଷୀ

ଅଧିକ୍ଷକ୍ ଜି.ଆର୍. ରାଘବେନ୍ଦ୍ର, ବନଖଣ୍ଡ ଅଧିକାରୀ ଅଜିଜ୍ ଖାନ୍ ଆର୍ ଭିନ୍ ଭିନ୍ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ୧୧ ଟା ଜିଲ୍ଲା ନ ଆଏଜ୍‌ଠାନୁ ଆଏବା ୪ ଦିନ୍‌ତକ୍ ଘଡ୍‌ଘଡ଼ି ସହେତେ ଧୁକାଗର୍ଡ଼ି ଆର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ଘଡ୍‌ଘଡ଼ି ଆର୍ ବର୍ଷାକେ ନେଇକରି ସୁନ୍ଦର୍‌ଗଡ୍, ଝାର୍‌ସୁଗୁଡ଼ା ସହେତେ ରାଜ୍ୟର୍ ୬ ଟା ଜିଲ୍ଲାକେ ଅରେଞ୍ଜ୍ ଓ୍ୱାର୍ଣ୍ଣିଂ ଆଉ ସମ୍ବଲ୍‌ପୁର୍, ଦେବ୍‌ଗଡ୍, ବୌଦ୍ଧ, ଅନୁଗୁଲ୍ ଆର୍ ଯାଜ୍‌ପୁର୍ ଜିଲ୍ଲା ଲାଗି ପାଣିପାଗ କେନ୍ଦ୍ର ୟେଲୋ ଓ୍ୱାର୍ଣ୍ଣିଂ ଜାରି କରିଛେ ।

ସେଆଡ଼େ ଆଏବା ୨୪ ଘଂଟା ତାପମାତ୍ରାଥି କିଛି ଖାସ୍ ପରିବର୍ତନ୍ ନାଇଁ ହୁଏ, ତାର୍ ଉତ୍‌ରୁ ୩ ନୁ ୫ ଡିଗ୍ରୀତକ୍ ତାପମାତ୍ରା କମ୍‌ବା ବଲି ପାଣିପାଗ୍ କେନ୍ଦ୍ର କହିଛେ । ଗଲାକାଏଲ୍ ରାଜ୍ୟର୍ ସବୁନୁ ଜହ ତାପମାତ୍ରା ବଲାଙ୍ଗିର୍ ନ ୪୧ ଦଶ୍‌ମିକ୍ ୧ ଡିଗ୍ରୀ ରେକର୍ଡ଼୍ କରାଯାଇଥିଲା ।